# ନୂଆବର୍ଷରେ...

## -ନୀଳାମ୍ବର ରଥ

ପ୍ରତି ମୂହୂର୍ତ୍ତରେ
ଏତେ କନ୍ଦାଉଚ କିଆଁ
କହିବ ତ
ହସି ହସି ଚଢ଼ିଯିବି
ଫାଶୀ ଖୁଣ୍ଟରେ ।
ଖାଲି ତମେ
ପଉଷ ସକାଳର
କାକର ଭିଜା ଫୁଲପରି
ଝଲସୁଥିବା ଚାହି
ନୂଆବର୍ଷରେ ।

ଛାତି ତଳେ ତଳେ ଯାଉଛି
ସାନ୍ତାକ୍ଲୁଜ୍
ଦେଖି ପାରୁନ?
ମୁଣାରେ ଧରିଛି କେତେ



ଭାବନା-ଖୁନ୍ଦା ବେଲୁନ
ପ୍ରୀତି ସରସର ପ୍ୟାକେଟ,
ତମକୁ ହାତଠାରି ଡାକୁଛି
ପ୍ରତି ନିୟତ
ହୃତ୍ ସ୍ପନ୍ଦନ ସହ ।

ମୁହଁ ଖୋଲି ନକହିଲେ
ବଡ଼ ଅସୁବିଧା,
କେମିତି ବୁଝିବ କିଏ?
ପାଖରେ ଠିଆ ହୋଇ ନପାରିଲେ
ପର ବୋଲି ଧରି ନବାକୁ
କେତେ ସମୟ୍!

କ'ଣ କରିବି କୁହ!
କହି ପାରୁନି ବୋଲି ତ
ଭୋଗୁଛି
ତମ ଅଭିମାନ, ଲୁହ
ଛାତିଭରା କ୍ଷୋଭ ।
ମନକଥା ବୁଝୁଚି ବୋଲି
ଦେଖେଇ ପାରୁଥିଲେ
ତମ ମନ
ହାଲୁକା ହୋଇଯା'ନ୍ତା!

ସୁଖର ସଂଜ୍ଞା
ବଡ଼ ଜଟିଳ!
ନିଜକୁ ସମର୍ପି ଦେଲା କ୍ଷଣି
ଅଭିମାନର ପାହାଡ଼ ଭୁଶୁଡ଼ିପଡ଼େ
ମୁହୂର୍ତ୍ତକରେ ।
ସୁଖର ବୁନ୍ଦା ଚିକ୍‌ଚିକ୍ କରେ
ଆଖି କଣରେ ।

ମୁହଁ ଖୋଲି କହିଦେଲେ
ବଡ଼ ଉଶ୍ୱାସ ଲାଗେ
ନୂଆ ବର୍ଷରେ ।

ମାଫ୍‌କର ୟାର୍
ପୁରୁଣା ହିସାବ ଛାଡ଼
ନୂଆ ଯୋଡ଼
ନୂଆ ଜୀବନର ପରବାୟ୍ କର
ନୂଆବର୍ଷରେ ।

**Email: rath.nilambar@gmail.com, Website: nilambarrath.com**